| | |
|---|---|
| **Publication:** Sambad | |
| **Date:** January 14, 2018 | |

# ମକର ସଂକ୍ରାନ୍ତିରୁ ମଦରଡେରିର ପରିବା ବିକ୍ରି

ସମ୍ବଲପୁର,୧୩।୧(ଇମିସ): ମଦର ଡେରି ସହଯୋଗୀ ଏନଡିଡିବିର ଫ୍ରୁଟ ଆଣ୍ଡ ଭେଜିଟେବଲ ଅଭିଯାନ ସଫଳ ପକ୍ଷରୁ ୬ ଆଉଟଲେଟ୍‌ରୁ ପରିବା ଏବଂ ଫଳ ବିକ୍ରି ୧୪ ତାରିଖରୁ ଆରମ୍ଭ ହେବ। ଏଥିମଧ୍ୟରେ ନନ୍ଦପଡ଼ା ସ୍ଥିତ ବାଲିବନ୍ଧା ପମ୍ପିଂ ଷ୍ଟେସନ, ବଡ଼ବଜାର ସ୍ଥିତ ଅଗ୍ରସେନ ଭବନ, ହାଉସିଂବୋର୍ଡ, ଧନୁପାଲି ସ୍ଥିତ ଅନନ୍ତରାମ ବେରିହା ଫିଲିଂ, ଶାନ୍ତିନଗର ବଜାର, ଅଇଁଠାପାଲି ସ୍ଥିତ ଗୋଟାନଗର ସର୍ଭିସ ଷ୍ଟେସନ। ସିଧାସଳଖ ପରିବା ଚାଷୀଙ୍କ ଠାରୁ ପରିବା କ୍ରୟ କରାଯାଇ ବିକ୍ରି ହେବ ବୋଲି କହିଛନ୍ତି ଏନଡିଡିବିର ଅଧ୍ୟକ୍ଷ ସଂଜୀବ ଖାନ୍ନା। ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥାନୀୟ ଭାବରେ ଉତ୍ପାଦିତ ପିଜୁଳି, ବାଇଗଣ, ବନ୍ଧାକୋବି, ଫୁଲ କୋବି, ଲୋବିୟା ଡାଲି, କଞ୍ଚା ଲଙ୍କା, ଭେଣ୍ଡି ସମେତ ବିଭିନ୍ନ ପରିବା ଓରମାସ ଏବଂ ଏହାର ସମର୍ଥିତ ଏଫପିଓ ସିଧାସଳଖ ସଂଗ୍ରହ କରାଯିବ। ଆଗାମୀ ଦିନରେ ସଫଳ ପକ୍ଷରୁ କୃଷି ଅର୍ଥନୀତି ପଦକ୍ଷେପ ଜରିଆରେ ଚାଷୀମାନଙ୍କ ସହିତ ଜଡ଼ିତ ହୋଇ ଉତ୍ପାଦନ ଏବଂ ଚାଷ ଜମି ଏକରରେ ବୃଦ୍ଧି ଆଣିବା, ଗୁଣାତ୍ମକ ସଂଗ୍ରହକୁ ବ୍ୟବସ୍ଥିତ କରିବା ପାଇଁ କୃଷକ ଉତ୍ପାଦନକାରୀ ସଙ୍ଗଠନ ପ୍ରସାର କରାଯିବ। ଦୁଗ୍ଧ ଉତ୍ପାଦନ ବିକ୍ରିରେ ନାଁ କରିଥିବା ମଦରଡେରିର ବର୍ତ୍ତମାନ ସମ୍ବଲପୁରରେ ଏ ନେଇ କାରବାର କରିବାର ଲକ୍ଷ୍ୟ ନାହିଁ। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆଯାଇପାରେ ବୋଲି କହିଛନ୍ତି ମଦର ଡେରି ଫ୍ରୁଟ ଏବଂ ଭେଜିଟେବଲ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସଂଜୀବ ଖାନ୍ନା।

